# ସାଇବର ସୁରକ୍ଷା, ଆର୍ଥିକ ପରିଚାଳନା ସମ୍ପର୍କରେ ସଚେତନତା



## ଜିଲାସ୍ତରୀୟ ସାମାଜିକ ନ୍ୟାୟ ଦିବସ ପାଳିତ

ଢେଙ୍କାନାଳ,୨୬।୨(ରତନ ନାୟାର)

ଢେଙ୍କାନାଳ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ନାଗରିକମାନଙ୍କୁ ସାମାଜିକ କ୍ଷେତ୍ରରେ ସଚେତନ କରିବା ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଉତ୍ସବରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ନିୟମିତ ଯୋଗ, ପ୍ରାଣାୟାମ ଅଭ୍ୟାସ କରିବା ଶରୀର ଓ ମନ ଚଳଚଞ୍ଚଳ ହୋଇଥାଏ ବୋଲି କହିଥିଲେ । ପ୍ରାରମ୍ଭରେ ଜିଲା ସାମାଜିକ ଓ ସଶକ୍ତୀକରଣ ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ଡିଏସ୍‌ପି ଚିତ୍ତରଞ୍ଜନ ବେହେରା ନାଗରିକମାନଙ୍କୁ ଡିଜିଟାଲ ଆରେଷ୍ଟ ଠକେଇ ସମ୍ପର୍କରେ ବୁଝାଇ ଅପରାଧୀଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଲୋଭର ଶିକାର ନ ହୋଇ, ଅନ୍‌ଲାଇନ ଠକେଇ, ଅଜଣା ଫୋନ୍ କଲ୍, ଫ୍ରେଣ୍ଡ ରିକ୍ୱେଷ୍ଟ, ନିଯୁକ୍ତି ଓ ବ୍ୟାଙ୍କ୍ ସେବା ପ୍ରଦାନ ସୂଚନାପ୍ରତି ସତର୍କ ରହିବାକୁ ସେ ପରାମର୍ଶ ଦେଇଥିଲେ। ସୋସିଆଲ ମିଡିଆରେ ନିଜର ବ୍ୟକ୍ତିଗତ ତଥ୍ୟ ପ୍ରକାଶ ନ କରିବାକୁ ସେ ପରାମର୍ଶ ଦେଇଥିଲେ । କୌଣସି ପ୍ରକାରର ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ନମ୍ବରକୁ ଫୋନ୍ କରି ପୋଲିସକୁ ଜଣାଇବାକୁ କହିଥିଲେ। ଜିଲା ଇ-ଗଭର୍ନାନ୍ସ ମ୍ୟାନେଜର ନଚିକେତା ସାହୁ, ଡିଜିଟାଲ ସ୍ୱାକ୍ଷରତା ଓ ସାଇବର ସୁରକ୍ଷା ସମ୍ପର୍କରେ ପିପିଟି ମାଧ୍ୟମରେ ବୁଝାଇଥିଲେ। ଆଧାର କାର୍ଡ ନମ୍ବର, ଏଟିଏମ ପିନ୍ ନମ୍ବର, ଓଟିପି. ନମ୍ବର ଏବଂ ବ୍ୟାଙ୍କ୍ ଜମା ଖାତା ନମ୍ବର କାହାରିକୁ ନ ଦେବାକୁ ସେ ପରାମର୍ଶ ଦେଇଥିଲେ । ୟୁକୋ ବ୍ୟାଙ୍କର ଆର୍ଥିକ ପରାମର୍ଶଦାତା ଗୋପୀନାଥ ସାହୁ ପେନସନ୍ ହୋଲଡ଼ରମାନେ କିଭିଳି ଭାବେ ଯୋଜନା କରି ନିଜର ପୁଞ୍ଜିକୁ ସୁରକ୍ଷିତ ଭାବେ ନିବେଶ କରିବେ ଓ ଲାଭାନ୍ୱିତ ହୋଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ । ସେହିପରି ମୁଖ୍ୟ ଡାକଘରର ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସାମନ୍ତ ଡାକଘରେ ନିଜର ପୁଞ୍ଜି ନିବେଶ କରି କିଭଳି ଅଧିକ ଲାଭବାନ ହୋଇପାରିବେ ସେ ସମ୍ପର୍କରେ ବୁଝାଇ କହିଥିଲେ। ଭାରତୀୟ ଯୋଗ ସଂସ୍ଥା, ଢେଙ୍କାନାଳ ପକ୍ଷରୁ ସକାଳ ୬ଟାରେ ବରିଷ୍ଠ ନାଗରିକମାନଙ୍କୁ ଯୋଗାଭ୍ୟାସ କରାଯାଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଫିଜିଓଥେରାପି ବିଶେଷଜ୍ଞମାନେ ଶିବିରରେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଆକାଂକ୍ଷା ମାନସିଂହ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭିନ୍ନକ୍ଷମ ଓ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।

# ବିକାଶ ଲକ୍ଷ୍ୟ ସମ୍ପର୍କିତ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ,୨୬।୨(ରତନ ନାୟାର)

ଢେଙ୍କାନାଳ ଜିଲା ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକ ପରିସରରେ ସ୍ଥାୟୀ ବିକାଶ ଲକ୍ଷ୍ୟ ସମ୍ପର୍କିତ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଡିପିଏମ୍‌ୟୁ ଡ. ଛାୟାକାନ୍ତ ମିଶ୍ର ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଏବଂ ପ୍ରଶିକ୍ଷଣର ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରଦାନ କରି ନିରନ୍ତର ବିକାଶ ଲକ୍ଷ୍ୟର ଗୁରୁତ୍ୱ, ବ୍ଲକସ୍ତରରେ ଯୋଜନାବଦ୍ଧ କାର୍ଯ୍ୟାନ୍ୱୟନ ଓ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସର ଭୂମିକା ଉପରେ ଆଲୋକପାତ କରିଥିଲେ। କଙ୍କଡ଼ାହାଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଉପସ୍ଥିତ ରହି ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ସମନ୍ୱୟ, ସଠିକ୍ ପରିଚାଳନା ଓ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି କହିଥିଲେ। କଙ୍କଡ଼ାହାଡ଼ ବ୍ଲକ ବିଡିଓ ଯଶୋବନ୍ତ ଦେହୁରୀ ଯୋଗଦେଇ ଦାରିଦ୍ର୍ୟ ହ୍ରାସ, ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ପୋଷଣ ଓ ଜୀବିକାକୁ ପ୍ରାଧାନ୍ୟ ଦେଲେ ସ୍ଥାୟୀ ଓ ନିରନ୍ତର ବିକାଶ ଲକ୍ଷ୍ୟ ସାଧନ କରିପାରିବା ବୋଲି କହିଥିଲେ । ମାଇକ୍ରୋ ପ୍ଲାନର ଓ ଜୀବିକା ବିଶେଷଜ୍ଞ ସସ୍ମିତା ବରାଳ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅଂଶଗ୍ରହଣକାରୀମାନେ ନିଜ ନିଜର ଅଭିଜ୍ଞତା ରଖି ଉନ୍ନୟନ କାର୍ଯ୍ୟରେ ନିଜକୁ କିପରି ସାମିଲ କରିପାରିବେ ସେ ସମ୍ପର୍କରେ ମତ ଦେଇଥିଲେ। ଅର୍ଥ ବିଶେଷଜ୍ଞ ସୁନିଲ କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏବିଡିଓ ସୂଚିସ୍ମିତା ନାୟକ, ବ୍ଲକ ଅର୍ଥ ଅଧିକାରୀ ହରେକୃଷ୍ଣ ନାୟକ, ଆସ୍‌ପିରେଶନ ବ୍ଲକ ଫେଲୋ ସନ୍ଦିପ୍ତା ସାହୁ ଓ ଆଭା ଫାଉଣ୍ଡେଶନର ରାକେଶ ମିଶ୍ର ଓ କଙ୍କଡ଼ାହାଡ଼ ବ୍ଲକସ୍ତରୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

# ହାତୀ ଆକ୍ରମଣରେ ଯୁବକ ମୃତ

## ପରିବାରକୁ ସମବେଦନା ଜଣାଇଲେ ଏମ୍‌ପି

ଓଡ଼ାପଡ଼ା, ୨୬।୨ (ରଞ୍ଜିତ ନାୟକ)

ଢେଙ୍କନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଅନ୍ତର୍ଗତ ନଗାରି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଷ୍ଟୁ ବେହେରା (୪୫)। ବିଳମ୍ବିତ ରାତିରେ କଷ୍ଟୁ ବାହାରକୁ ଆସିଥିବା ସମୟରେ ହାତୀ ହାବୁଡ଼ରେ ପଡିଯାଇଥିଲେ। ଫଳରେ ହାତୀଟି ତାଙ୍କୁ ଶୁଣ୍ଢରେ କଚାଡ଼ି ମାରିଦେଇଥିଲା। ଖବର ପାଇ ଓଡ଼ାପଡ଼ା ବନପାଳ ସୁବାସ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି କଷ୍ଟୁଙ୍କୁ ଢେଙ୍କାନାଳ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ମୃତ କଷ୍ଟୁଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ଜିଲା ବନଖଣ୍ଡ ଅଧିକାରୀଙ୍କୁ ଫୋନ ଯୋଗେ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

# ସଖୀ କେନ୍ଦ୍ର ପରିଦର୍ଶନ କଲେ ଯୋଜନା ଓ ସମନ୍ୱୟ ବିଭାଗ ସ୍ୱତନ୍ତ୍ର ସଚିବ



ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ ଟେମଜେନ ୱାପାଞ୍ଜି ଆଓ ସଖି କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଢେଙ୍କାନାଳ,୨୬।୨(ରତନ ନାୟାର): ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସରରେ କାର୍ଯ୍ୟ କରୁଥିବା ସଖୀ-ୱାନ ଷ୍ଟପ୍ ସେଣ୍ଟରର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ପାଇଁ ଗୁରୁବାର ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ ଟେମଜେନ ୱାପାଞ୍ଜି ଆଓ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ସ୍ୱତନ୍ତ୍ର ସଚିବ କେନ୍ଦ୍ରର ସମସ୍ତ ବିଭାଗ ବୁଲି ଦେଖିବା ସହ ଏହାର ପରିଚାଳନା ସମ୍ପର୍କରେ ତଦାରଖ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ମହିଳାମାନଙ୍କ ସାମାଜିକ ସ୍ଥିତି, ସେମାନଙ୍କ ସୁରକ୍ଷା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷ କରି ଶିଶୁ ବିବାହର କାରଣ ଏବଂ ଏହାର ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, କାମାକ୍ଷାନଗର ବିଡିଓ ପ୍ରଭୁ କଲ୍ୟାଣ ଦାସ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଦିଗାମ୍ବର ସାହୁ, ଉପଖଣ୍ଡ ଡାକ୍ତରଖାନାର ଜୁନିୟର ହସ୍ପିଟାଲ ମ୍ୟାନେଜର ରଶ୍ମିପ୍ରଭା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ଶୋଭାର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର କେନ୍ଦ୍ରର କାର୍ଯ୍ୟଧାରା ଏବଂ ମହିଳାମାନଙ୍କୁ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ନିର୍ଯାତିତା ମହିଳାଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ଏବଂ କେନ୍ଦ୍ରର ସାମଗ୍ରିକ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ପଚାରି ସ୍ୱତନ୍ତ୍ର ସଚିବ ସନ୍ତୋଷ ବ୍ୟକ୍ତ କରିଥିଲେ। ସରକାରୀ ପଦାଧିକାରୀ ଓ ଶୋଭାର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସଖୀ କେନ୍ଦ୍ରର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ।

# ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସଯାତ୍ରା

ଓଡ଼ାପଡ଼ା, ୨୬।୨ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଏକଘରିଆ ଗ୍ରାମସ୍ଥିତ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ର ପରିସରରେ ନବ ନିର୍ମିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ୨ ହଜାରରୁ ଅଧିକ ମହିଳା ଯୋଗ ଦେଇଥିଲେ। ବ୍ରାହ୍ମଣୀ ନଦୀରୁ ମହିଳାମାନେ ପୂର୍ଣ୍ଣକୁମ୍ଭ କଳସ ଆଣି ମନ୍ଦିର ପରିସରରେ ଥିବା ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଶୁକ୍ରବାରଠାରୁ ଯଜ୍ଞାନୁଷ୍ଠାନ ଆରମ୍ଭ କରାଯାଇ ୨ ତାରିଖ ସୋମବାର ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହେବ।

# ଆନ୍ଦୋଳନସ୍ଥଳରେ ମହିଳାଙ୍କ ସୁଦସାବ୍ରତ

ପବିତ୍ରନଗର,୨୬।୨(ନିରୋଜ ପ୍ରଧାନ)

କଣିହାଁ ଖୋଲା କୋଇଲା ଖଣି ଟାଇମ ଅଫିସସ୍ଥିତ ମୁଖ୍ୟ ଫାଟକଠାରେ କଣିହାଁ ଗ୍ରାମର ଜମିହରା ପ୍ରଜାଙ୍କ ନିଯୁକ୍ତି ଓ ପୁନର୍ବାସ ଦାବିରେ ମହିଳାମାନେ ଆନ୍ଦୋଳନ କରିଥିବାବେଳେ ଗୁରୁବାର ସେଠାରେ ସୁଦସା ବ୍ରତ ପାଳନ କରିଥିବା ଦେଖାଯାଇଛି। ପ୍ରଜାଙ୍କ ଅଭିଯୋଗ ଅନୁଯାୟୀ, ଏମ୍‌ସିଏଲ୍ କଣିହାଁ କୋଇଲା ଖଣି ପକ୍ଷରୁ ଓ ସ୍ଥାନୀୟ ପ୍ରଶାସନ ଦ୍ୱାରା ଆଶ୍ୱାସନ ଦିଆଯାଇଥିଲେ ମଧ୍ୟ ନିଯୁକ୍ତି ଏବଂ ପୁନର୍ବାସ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ଆନ୍ଦୋଳନରେ କୁନି ସାହୁ, ସୁକାନ୍ତୀ ସାହୁ, ତାମିନି ସାହୁ, ସରସ୍ୱତୀ ସାହୁ, କୁମୁଦିନୀ ସାହୁ, ମମତା ମାଝୀ, ରୀନା ନାଏକ, ପ୍ରମିଳା ନାଏକ, ମେଘି ନାଏକ, ସୁମିତ୍ରା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶୀଘ୍ର ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରହେବ ବୋଲି ଚେତାବନୀ ଦିଆଯାଇଛି।

# ଜଙ୍ଗଲଗ୍ରାମ ଓ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି



- କଙ୍କଡାହାଡ଼ଠାରେ ଆଦିବାସୀ ମୁକ୍ତି ସଂଗଠନର ଶୋଭାଯାତ୍ରା
- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବିପତ୍ର

କାମାକ୍ଷାନଗର,୨୬।୨ (ସୁଧୀର କୁମାର ପରିଡ଼ା)

ସରକାର ଆଦିବାସୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରି ଆଦିବାସୀମାନେ କଙ୍କଡାହାଡ଼ ବ୍ଲକ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିରାଟ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ସରକାର ଓ ପ୍ରଶାସନ ବିରୋଧରେ ନାରାବାଜି ଦେଇଥିଲେ। ସେମାନଙ୍କର ୧୭ଟି ଦାବି ନେଇ ଏହି ଆନ୍ଦୋଳନ ହୋଇଥିଲା। ୯ଟି ଆଦିବାସୀ ବହୁଳ ପଡ଼ାଗ୍ରାମକୁ ତୁରନ୍ତ ରାଜସ୍ୱ ଗ୍ରାମ ମାନ୍ୟତା, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମେଶିନ କାମକୁ ବନ୍ଦ କରାଯାଇ ଆଦିବାସୀ ଶ୍ରମିକମାନଙ୍କୁ ଦୈନିକ ୬୦୦ ଟଙ୍କା ମଜୁରି ପ୍ରଦାନ, ଆଦିବାସୀ ବହୁଳ ସାଗବାରୀ, ଏକୁଲ, ପିତଳଧୁଆ, ସସାପସି, ଗଙ୍ଗାମୁଣ୍ଡା, ସେକୁଲ, କାଇମାଟି ଭଳି ପଡ଼ା ଗ୍ରାମରେ ଯାତାୟାତ ପାଇଁ ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ମହାବିରୋଡ଼, ବିରାଶାଳ ଓ ବାମ ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତର ନିଯୁକ୍ତି, ୩୦୦ ୟୁନିଟ ବିଜୁଳି ଛାଡ଼ ଆଦି ଦାବି ନେଇ ଆନ୍ଦୋଳନ କରିଥିଲେ। ଆଦିବାସୀ ନେତାମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଯଶୋବନ୍ତ ଦେହୁରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଆନ୍ଦୋଳନରେ ମିଳିତ ଆଦିବାସୀ ସଂଘର୍ଷ ମଞ୍ଚ ସଭାପତି ଲାଲମୋହନ ମୁର୍ମୁ, ସମ୍ପାଦକ ପ୍ରତାପ ଚନ୍ଦ୍ର ମାରାଣ୍ଡି, ଆଦିବାସୀ ମୁକ୍ତି ସଂଗଠନ ସଭାପତି ଜନ୍ମେଶ୍ୱର ସୀଙ୍କୁ, ସମ୍ପାଦକ ପ୍ରତାପ ଚନ୍ଦ୍ର ମାରାଣ୍ଡି, ଶଙ୍କର ସାୟା, ହୀରାମଣି ବିରୁଆ, ଆଦିବାସୀ ଚେତନା ସଂଗଠନ ସଂଯୋଜକ ଶୋଭାନ ମାର୍ଣ୍ଡି, ଗଙ୍ଗାଧର ପୂର୍ତ୍ତୀ, ଭାରତ ଜାକାତ ମାଝୀ, ପାର୍ଗନା ମହଲ ସମ୍ପାଦକ ସହଦେବ ଟୁଡୁ, ପୀତାମ୍ବର ମାରାଣ୍ଡି, ନରେନ୍ଦ୍ର ହେମ୍ବ୍ରମ, ହୋ ସମାଜ ସଭାପତି ଶଙ୍କର ବୁଡିଓଲି, ଲକ୍ଷ୍ମଣ ହେସା, ବାମ ସମିତି ସଦସ୍ୟା ଲକ୍ଷ୍ମୀ ହେସା ପ୍ରମୁଖ ସାମିଲ ହୋଇଥିଲେ।

# ସଞ୍ଜୀପଡ଼ା ପ୍ରାଥମିକ କୃଷି ସମବାୟ ସମିତି ପରିଦର୍ଶନକଲେ ଏମ୍‌ପି

ସାତମାଇଲ, ୨୬।୨ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଖଲିବେରେଣାସ୍ଥିତ ସଞ୍ଜୀପଡ଼ା ପ୍ରାଥମିକ ସମବାୟ ସମିତି ଲିଃ.କୁ ଗୁରୁବାର ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ପରିଦର୍ଶନ କରିଛନ୍ତି । ସାଂପ୍ରତିକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକ କଲ୍ୟାଣ ନିମିତ୍ତ ବହୁ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ ଏହାର ସଫଳ ରୂପାୟନର ବାସ୍ତବତାକୁ ଏମ୍‌ପି ପରଖିଛନ୍ତି। ସମବାୟ ସମିତିର ଅଧ୍ୟକ୍ଷ ସୁଶୀଲ ନାଥଙ୍କ ସମେତ ସମିତିର ସମସ୍ତ ସଦସ୍ୟା ସଦସ୍ୟ ଓ ବହୁ କୃଷକ ସ୍ୱାଗତ ଜଣାଇଥିଲେ। ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କ ସହ ଆଲୋଚନା କରି ମଣ୍ଡିରେ ଧାନକିଣା ସମସ୍ୟା ଦୂର କରିବାକୁ ଆଲୋଚନା କରିଥିଲେ। ଏହି ଅବସରରେ ଆମନା, ସଞ୍ଜୀପଡା, ଖଲିବେରେଣା ଆଦି ଗ୍ରାମର ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ପରେ ରଘୁନାଥପୁରରେ ହାତୀ ଆକ୍ରମଣରେ ମୃତ ନିତ୍ୟାନନ୍ଦ ପାତ୍ରଙ୍କ ପରିବାର ଏବଂ ନୂଆଗାଁରେ ହାତୀ ଆକ୍ରମଣରେ ମୃତ ସଂସାରି ଗଡ଼ନାୟକଙ୍କ ପରିବାରକୁ ଭେଟି ଆର୍ଥିକ ସହଯୋଗ ଯୋଗାଇଦେଇଥିଲେ। ଏମ୍‌ପିଙ୍କ ଗସ୍ତ ସମୟରେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ମଣ୍ଡଳ ସଭାପତି ରବିନ ବାରିକ, ସରପଞ୍ଚ ହରପ୍ରିୟା ସେନାପତି, ସମିତି ସଭ୍ୟ ରିତୁ ସାହୁ, ଗାଲପଡା ସରପଞ୍ଚ ନର୍ମଦା ସେଠୀ, ଦଳୀୟ ନେତ୍ରୀ ସୁନିତା ନାଥ, ଦୀପକ ବେହେରା, ଯଶୋବନ୍ତ ରଣଜିତ ରାୟ, ଜିତୁରଞ୍ଜନ ବେହେରା, ରୋହିତ ବେହେରା, ଗିରୀଶ ସେଠୀ, ରଘୁନାଥ ମହାପାତ୍ର, ବାନାମ୍ବର ପତି, ସନ୍ତୋଷ ସାହୁ, ଗୌତମ ସାହୁ, ସୁଜିତ ବାରିକ, ଦୁଷ୍ମନ୍ତ ଧର ପ୍ରମୁଖ ଉପସ୍ଥିତ ଥିଲେ।

# ପରଜଙ୍ଗ ବିଧାୟକଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ

ପରଜଙ୍ଗ, ୨୬।୨ (ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗ ଦେଇଛନ୍ତି। କନ୍ତୋର ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗାଁରେ ପାର୍ବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଛି। ଗ୍ରାମ୍ୟ ସଭାପତି ଯଦୁମଣୀ ସାହୁଙ୍କ ନେତୃତ୍ୱରେ ରେଙ୍ଗାଳି ବାମପାର୍ଶ୍ୱ କେନାଲରୁ ଏକ ବିଶାଳ କଳସ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ମା' ଯୋଗମାୟା ପାର୍ବତୀଙ୍କ ମନ୍ଦିର ପ୍ରତିଷ୍ଠା ନୀତିକ୍ରାନ୍ତିରେ ପାଳନ କରାଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ସାହୁ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, କନ୍ତୋର ସରପଞ୍ଚ ସଂଯୁକ୍ତା ସାହୁ, ବରିଷ୍ଠ ଭାଜପା ନେତା ଶରତ ସାହୁ, ପ୍ରଶାନ୍ତ କୁମାର ଦଳବେହେରା, ଦୁର୍ଗା ପ୍ରସାଦ ନାୟକ, ଅଜିତ ସାହୁ, ବିବସ୍ୱ ସାହୁ, ବୈଷ୍ଣବ ନାଥ, ଅନିଲ ସାହୁ, ଅରୁଣ ସାହୁ, ଅମରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମାଣିକମରା ପଞ୍ଚାୟତ କାଦପଡ଼ା ଗ୍ରାମରେ ଭୋଗମଣ୍ଡପ ଲୋକାର୍ପଣ ଉତ୍ସବ, ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇ କାଟେଣି ଗ୍ରାମରେ ମହାପାଟ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ।

# ସନ୍ଥ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ୩ୟ ସାମ୍ବତ୍ସରିକ ଜନ୍ମୋତ୍ସବ



## ଆଧାତ୍ମିକ ଶୋଭାଯାତ୍ରା, ମାମୁଘର ଅଭିମୁଖେ ୨୧ ଭାର

ଢେଙ୍କାନାଳ,୨୬।୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ ସନ୍ଥପୁର ଗ୍ରାମ ସନ୍ଥ ଶ୍ରୀକ୍ଷେତ୍ରଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହଙ୍କ ତୃତୀୟ ସାମ୍ବତ୍ସରିକ ଜନ୍ମ ଉତ୍ସବ ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଉଛି। ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପାଞ୍ଚ ଦିନିଆ ମହୋତ୍ସବ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ମହାପ୍ରଭୁଙ୍କ ଜନ୍ମ ଉତ୍ସବ ଅବସରରେ ଭଣଜା ପାଇଁ ମାମୁଘର ପକ୍ଷରୁ ଇଲେଇଜଙ୍ଗ ଗ୍ରାମରୁ ବୈଦିକ ରୀତିନୀତି ଅନୁଯାୟୀ ୨୧ ଭାର ସାମଗ୍ରୀ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଦ୍ରବ୍ୟ ଧରି ଏକ ବିଶାଳ ଶୋଭାଯାତ୍ରା ସନ୍ଥ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲା। ପାରମ୍ପରିକ ଲଉଡ଼ି ଖେଳ, ସିଂଘବାଜା, ରଣପା ନୃତ୍ୟ, ସଂକୀର୍ତ୍ତନ ମଣ୍ଡଳୀ ଏବଂ ସୁସଜ୍ଜିତ ଆଲୋକମାଳା ମଧ୍ୟରେ ଏହି ଯାତ୍ରା ଗ୍ରାମ ପରିକ୍ରମା କରିଥିଲା । କହିବାକୁ ଗଲେ ଇଲେଇଜଙ୍ଗ ଗ୍ରାମରୁ ସନ୍ଥ ଶ୍ରୀକ୍ଷେତ୍ର ସନ୍ଥପୁର ପର୍ଯ୍ୟନ୍ତ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଆବାଳ, ବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରସାଦ ସେବନ କରିବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଏବଂ ସନ୍ଥପୁର-ଏରନ୍ଦା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଦିନ ବିଶିଷ୍ଟ ପ୍ରବଚକଙ୍କ ଦ୍ୱାରା ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ମହୋତ୍ସବରେ ସାମିଲ ହେବାକୁ ଅନୁରୋଧ କରାଯାଇଛି।

# ୨୨ରୁ କୃଷକ ଏକତା ଗଣପଦଯାତ୍ରା ଓ ସତ୍ୟାଗ୍ରହ

## ନବନିର୍ମାଣ କୃଷକ ସଂଗଠନର ଖବରଦାତା ସମ୍ମିଳନୀ

ଢେଙ୍କାନାଳ,୨୬।୨(ରତନ ନାୟାର)





ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ।

ଢେଙ୍କାନାଳ ସହର ଜୟଗୋପାଳ ସାହି ମଠ ପରିସରରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲା ପ୍ରଭାରୀ ଅଶ୍ୱନୀ କୁମାର ଜେନା କହିଲେ ଯେ, ସଂଗଠନର ଦାବିଗୁଡିକୁ ନେଇ ମାର୍ଚ୍ଚ ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ କେଉଁଝର ଜିଲା ଘଟଗାଁ ତାରିଣୀ ମନ୍ଦିରଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ କୃଷକ ଏକତା ଗଣପଦଯାତ୍ରା ଓ ସତ୍ୟାଗ୍ରହର ଡାକରା ଦିଆଯାଇଛି। ଦାବିଗୁଡିକ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା ୬୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୩୫୦୦ଟଙ୍କା ଦେବା ପ୍ରତିଶ୍ରୁତିକୁ ସରକାର ବଜେଟରେ ସ୍ଥାନ ଦିଅନ୍ତୁ, ଚାଷୀଙ୍କୁ ସୁରକ୍ଷା ଭତ୍ତା ପ୍ରଦାନ, ଧାନର ଏମ୍‌ଏସ୍‌ପି ଅତି କମରେ ୫ହଜାର ଟଙ୍କା ଘୋଷଣା, ସେହିପରି ଅନ୍ୟାନ୍ୟ ୨୩ଟି ଫସଲ ଉପରେ ଏମ୍‌ଏସ୍‌ପି ନିର୍ଦ୍ଧାରଣ ହେଉ, ମଣ୍ଡିର ଅବ୍ୟବସ୍ଥାକୁ ସୁଧାରି ଏଫ୍‌ଏକ୍ୟୁ ନାମରେ କଟନିଛଟନି ପ୍ରକ୍ରିୟାକୁ ବନ୍ଦକରି ଚାଷୀଙ୍କ ସମସ୍ତ ଧାନକୁ ଏମ୍‌ଏସ୍‌ପି ସହିତ ସରକାର ଘୋଷଣା କରିଥିବା ଅତିରିକ୍ତ ୮୦୦ଟଙ୍କା ମିଶାଇ କିଣାଯାଉ, ନଭେମ୍ବର ୧ରୁ ଧାନକିଣା ପ୍ରକ୍ରିୟାକୁ ମଣ୍ଡିଗୁଡିକରେ ଲାଗୁ, ଧାନମଣ୍ଡଳି ଭଳି କପା, ମକା ଓ ପାନଚାଷ ହେଉଥିବା ଅଞ୍ଚଳରେ ମଣ୍ଡି ସ୍ଥାପନ ହେଉ ଏବଂ ଚାଷୀମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରାଯାଉ, ଭାରତ ସରକାର, ଆମେରିକା ସହିତ କରିଥିବା ଚୁକ୍ତି ତୁରନ୍ତ ବାତିଲ କରାଯାଉ, ୨୦୨୮ ପୂର୍ବରୁ ସମସ୍ତ ଜମିରେ ଜଳସେଚନ ବ୍ୟବସ୍ଥା, ପାଣିରେ ବୁଡ଼ି ରହୁଥିବା ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉ, ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ବ୍ୟବସ୍ଥା ହେଉ, ରିଲିଫ୍ କୋଡକୁ ସଂଶୋଧନ କରାଯାଉ, ଫସଲ ନଷ୍ଟ କରୁଥିବା ବନ୍ୟପ୍ରାଣୀ ଏବଂ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଦ୍ୱାରା ନଷ୍ଟ ହେଉଥିବା ଫସଲର ସ୍ଥାୟୀ ପ୍ରତିକାର ଓ କ୍ଷତିପୂରଣ ବ୍ୟବସ୍ଥା ହେଉ, ଭାଗଚାଷୀର ମାନ୍ୟତା ପ୍ରଦାନ ହେଉ, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ସମ୍ପୂର୍ଣ୍ଣ ବ୍ୟବସାୟକରଣରୁ ମୁକ୍ତ କରି ମାଗଣା ହେଉ, ବୀମା କମ୍ପାନୀ ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ଲୁଟ୍ ରୋକାଯାଉ, ଚାଷୀଙ୍କୁ ସମ୍ପୂର୍ଣ୍ଣ ବିଜୁଳି ଶୁଳ୍କ ଛାଡ଼ କରାଯାଉ, ସାଧାରଣ ବିଦ୍ୟୁତ ଗ୍ରାହକଙ୍କୁ ୧୦୦ୟୁନିଟ ଛାଡ କରାଯାଉ, କୃଷି ପ୍ରକ୍ରିୟା ଶିଳ୍ପ ଓ ବୟନ ଶିଳ୍ପକୁ ବ୍ୟାପକ କରାଯାଉ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ କମ୍ପାନୀଠାରୁ ବୀମା ଛଡାଇ ନେଇ ସରକାର ସିଧାସଳଖ ପରିଚାଳନା କରନ୍ତୁ, ବୀମା ପାଇଁ ଚାଷୀର ଖର୍ଚ୍ଚ ପରିବର୍ତ୍ତେ ଅମଳକୁ ମାପଦଣ୍ଡ ନିଆଯାଉ, ବୃହତ ଉଦ୍ୟୋଗ ପ୍ରକଳ୍ପ ସ୍ଥାପନ କରିବା ବେଳେ ଚାଷ ଜମିକୁ ଧ୍ୟାନରେ ରଖି ବିସ୍ଥାପନ ପ୍ରକ୍ରିୟାକୁ ରୋକାଯାଉ, ଖଣି, ଜମି ଓ ଜଳ ଏବଂ ଜଙ୍ଗଲ ଉପରେ ମୂଳ ଅଧିବାସୀଙ୍କ ଅଧିକାରକୁ ମାନ୍ୟତା ଦିଆଯାଉ, ଓଡିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରାଯାଉ, ସରକାରୀ ଅଫିସରୁ ଦୁର୍ନୀତି ହଟାଇବା ସହିତ ପିସି ବ୍ୟବସ୍ଥାକୁ ଉଚ୍ଛେଦ ପାଇଁ କଠିନ ଦଣ୍ଡବିଧାନ ହେଉ, ମାଟିର ଜୈବିକ ଉର୍ବରତା ବଢ଼ାଇବା ପାଇଁ ଜୈବକୃଷି ଓ ଦେଶୀ ଗାଈ ବିକାଶ ପାଇଁ ସ୍ୱତନ୍ତ୍ର ବଜେଟ୍ ପ୍ରସ୍ତୁତ ଆଦି ଦାବିଗୁଡିକ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏହି ଖବରଦାତା ସମ୍ମିଳନୀରେ ସଂଗଠନର ଜିଲା ସଭାପତି ପ୍ରହଲାଦ ସାହୁ, ସମ୍ପାଦକ ସୁଧାକର ପରିଡା, ସଂଯୋଜକ ଚନ୍ଦ୍ରଶେଖର ବରାଳ ଓ ଚାଷୀନେତା ପ୍ରଫୁଲ୍ଲ ପରିଡା ପ୍ରମୁଖ ଯୋଗ ଦେଇଥିଲେ ।

## ସୁରଭି ଗୋଶାଳାରେ 'ଗୋ ସମ୍ମାନ' ଉତ୍ସବ

ଛେଣ୍ଡିପଦା,୨୬।୨(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନୂଆଗାଁ ନିକଟସ୍ଥ ପୋଡ଼ାମହୁଲଠାରେ ଥିବା ଶ୍ରୀସୁରଭି ଗୋଶାଳାରେ 'ଗୋ ସମ୍ମାନ' ଉତ୍ସବ ଗୋଶାଳାର ପ୍ରତିଷ୍ଠାତା ବାବା ଅଲେଖ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗୋସେବା ସମିତି କୋଷାଧ୍ୟକ୍ଷ ମନୋଜ ଅଗ୍ରୱାଲ ଯୋଗଦେଇ ଗୋମାତାଙ୍କୁ କିପରି ସମ୍ମାନ ଦିଆଯିବ ସେନେଇ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଉତ୍ସବରେ ନୂଆଗାଁ ସମେତ ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ଓ ଗୋପ୍ରେମୀ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ଗଣେଶ୍ୱର ପ୍ରଧାନ, କାଞ୍ଜିଆମ୍ବ ଗୁମ୍ଫାର ମହନ୍ତ ପ୍ରମୁଖ ଯୋଗଦେଇ ଗୋ ମାହାତ୍ମ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଆସନ୍ତା ଏପ୍ରିଲ ୨୭ରେ ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟ ପାଖରେ ଗୋ ସମ୍ମାନ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗୋଶାଳାର ପରିଚାଳକ ଅଜୟ ବାବାଙ୍କ ପରିଚାଳନାରେ ମୁନା ମାଝୀ, ସନ୍ଦୀପ ପ୍ରଧାନ, ବଳିଆ ବେହେରା ପ୍ରମୁଖ ସଭ୍ୟ ଯୋଗଦେଇ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ପାଲଲହଡ଼ା ବିଧାୟକଙ୍କ ସହ ଅନ୍ୟମାନେ।

ପାଲଲହଡ଼ା,୨୬।୨(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ନମପଶି ପଞ୍ଚାୟତ ଗସ୍ତକରି ଗୁରୁବାର ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କେତୋଟି ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଛେଳିଆବେଢ଼ା ହାଟପଦା ଠାରେ ୧୦ ଲକ୍ଷ ଟଙ୍କା ବିନିମୟରେ ହେବାକୁ ଥିବା ସାପ୍ତାହିକ ହାଟ ଉନ୍ନତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ପାଣ୍ଠିରୁ ୪ ଲକ୍ଷ ଟଙ୍କା ବିନିମୟରେ ନଗୁଡ଼ା ଗ୍ରାମରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତାର ଉଦ୍‌ଘାଟନ କରିଥିଲେ। ସେହିପରି ୩ ଲକ୍ଷ ୮୩ ହଜାର ଟଙ୍କା ବିନିମୟରେ ଯମରା ଗ୍ରାମରେ ନିର୍ମିତ କଂକ୍ରିଟ ରାସ୍ତାର ଉଦ୍‌ଘାଟନ ଓ ଝାରବେଡ଼ା ପଞ୍ଚାୟତ କଣ୍ଟାନାଳି ଗ୍ରାମରେ ୫ ଲକ୍ଷ ୫୦ ହଜାର ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ଗୋଷ୍ଠୀକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ଭାଜପା ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ପଞ୍ଚାନନ ସାହୁ, ଲିଙ୍ଗରାଜ ଦାସ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଫଳକରେ ନାମ ନ ଥିବାରୁ ଅସନ୍ତୋଷ ଝାଡ଼ିଲେ ବ୍ଲକ ଅଧ୍ୟକ୍ଷା

ପାଲଲହଡ଼ା,୨୬।୨(ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଉପଖଣ୍ଡର ଝାରବେଡ଼ା ଓ ନମପଶି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଭୂମିପୂଜା ତଥା ଉଦ୍‌ଘାଟନ ବିଧାୟକ ଅଶୋକ ମହାନ୍ତିଙ୍କ ଦ୍ୱାରା କରାଯିବା ପାଇଁ ପଞ୍ଚାୟତ ସମିତି ପକ୍ଷରୁ ସ୍ଥିର ହୋଇଥିଲା। ସେଥିପାଇଁ ପ୍ରକଳ୍ପ ସ୍ଥାନରେ ଫଳକ ମଧ୍ୟ ଲଗାଯାଇ ଥିଲା। ହେଲେ କୌଣସି ଫଳକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକଙ୍କ ନାମ ନ ଥିବା ଅଧ୍ୟକ୍ଷା ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିଥିଲେ। ଏଥିସହ ଫଳକ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ବିଧାୟକ ଉଦ୍‌ଘାଟନ ସ୍ଥଳରେ ପହଞ୍ଚିବାରୁ ବିଧାୟକ ଓ ଅଧ୍ୟକ୍ଷାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶେଷରେ ବିଧାୟକ ପ୍ରଶାସନକୁ ତାଗିଦ୍ କରିଥିଲେ ଓ ଆଗକୁ ଏପରି ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୂତନ ଫଳକ ଲଗାଇବାକୁ ନିର୍ଦ୍ଦେଶ ଦେବା ପରେ ସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ଅଧ୍ୟକ୍ଷା ନାଏକ କହିଛନ୍ତି, ପଞ୍ଚାୟତ ସମିତି ପ୍ରକଳ୍ପରେ ତାଙ୍କ ନାମ ଜାଣିଶୁଣି କଟାଯାଇଥିବାରୁ ସେ ବିରୋଧ କରିଥିଲେ। ଆଗକୁ ଏପରି ନ ହେବାର ପ୍ରତିଶ୍ରୁତି ପରେ ସେ ବିଧାୟକଙ୍କ ସହିତ ଉପସ୍ଥିତ ରହି ଭୂମିପୂଜା କରିଥିଲେ। ବିଧାୟକ ମହାନ୍ତି କହିଛନ୍ତି, ଅଧ୍ୟକ୍ଷାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମକୁ ଡକାଯାଉଥିଲେ ମଧ୍ୟ ସେ ଆସୁନାହାନ୍ତି। ତେଣୁ ବ୍ଲକ କର୍ତ୍ତୃପକ୍ଷ ତାଙ୍କ ନାମ ଫଳକରେ ରଖି ନ ଥାଇପାରିଥାନ୍ତି। ଆଗକୁ ଏପରି ନ କରିବା ପାଇଁ ସହକାରୀ ଯନ୍ତ୍ରୀଙ୍କୁ ତାଗିଦ୍ କରାଯାଇଛି। କୌଣସି କଥା କଟାକଟି ହୋଇନାହିଁ।

## ସୁନ୍ଦରଗଡ଼କୁ ହରାଇ ଭୁବନେଶ୍ୱର ବିଜୟୀ



ମ୍ୟାଚ ଆରମ୍ଭ ପୂର୍ବରୁ ଅତିଥିଙ୍କ ସହ ଖେଳାଳି।

ଆଠମଲ୍ଲିକ,୨୬।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆରେ ଆଠମଲ୍ଲିକ ଯୁଥ ଆନୁକୂଲ୍ୟରେ ଆୟୋଜିତ ମା' ମାହେଶ୍ୱରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ବି-ଗ୍ରୁପର ପ୍ରଥମ ଲିଗ୍ ମ୍ୟାଚରେ ଗୁରୁବାର ଭୁବନେଶ୍ୱର ୩-୦ ଗୋଲରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ସାଗର ବେହେରା, ଗରିବ ବେହେରା ଏବଂ ସୁଜିତ ରାଉତ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଥାନା ଆଇଆଇସି ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଏନଏସି ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଯୁବ ସଙ୍ଗଠକ ମହେନ୍ଦ୍ର କୁମାର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ାପ୍ରେମୀ ବିବେକାନନ୍ଦ ଭୁୟାଁ, ଯୁବନେତା ରାମଚନ୍ଦ୍ର ମହାକୁଡ଼ ମଞ୍ଚାସୀନ ଥିଲେ। ଯୁଥ ସଭାପତି ସୁସେନ ଖାଁ, ସମ୍ପାଦକ ଅବିନାଶ ଷଡ଼ଙ୍ଗୀ, ସଦସ୍ୟ ବିଶ୍ୱଜିତ ବେହେରା, ଅସିତ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

## ଅସହାୟ ଲୋକଙ୍କୁ ସହଯୋଗ କଲେ ସାମାଜିକ କର୍ମୀ

ତାଳଚେର,୨୬।୨ (ମନୋଜ ନନ୍ଦ)

ତାଳଚେର ଅଞ୍ଚଳର ଅସହାୟ ଲୋକଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ଭାଜପା ନେତା ତଥା ସାମାଜିକ କର୍ମୀ ବିଶ୍ୱଜିତ ସାହୁ। ସୂଚନା ଅନୁଯାୟୀ, ତାଳଚେର ବ୍ଲକ ଏନ୍‌ଟିପିସି ଭଞ୍ଜ କଲୋନୀର ଗୋବିନ୍ଦ ପ୍ରଧାନ ଦୁର୍ଘଟଣାର ଶିକାର ହୋଇଥିବାରୁ ଚଲାବୁଲା କରିପାରୁନାହାନ୍ତି। ଏହି ଖବରପାଇ ସାମାଜିକ କର୍ମୀ ସାହୁ, ଯୁବନେତା ସୂର୍ଯ୍ୟକାନ୍ତ ଜେନା, ଦୁଃଶାସନ ବେହେରା, ପାଣ୍ଡୁ ବେହେରା, ପ୍ରତାପ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ ପ୍ରମୁଖଙ୍କ ସହଯୋଗରେ ଏକ ୱାକର ଓ ବସ୍ତ୍ର ପ୍ରଦାନ କରିଛନ୍ତି। ଏଥିସହ ଅସୁବିଧାରେ ଥିବା ଅସହାୟ ଲୋକମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ଧାନ ବିକ୍ରି ଟଙ୍କା ମିଳୁନି, କୃଷି ସଚିବଙ୍କୁ ଅଭିଯୋଗ

ବଇଣ୍ଡା, ୨୬।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ସେବା ସମବାୟ ସମିତିରେ ଧାନ ବିକ୍ରି କରିଥିଲେ ମଧ୍ୟ ଆକାଉଣ୍ଟକୁ ଟଙ୍କା ଆସି ନ ଥିବା ପାଇକସାହି ଗ୍ରାମର ଚାଷୀ ବିବେକାନନ୍ଦ ପ୍ରଧାନ ଗୁରୁବାର ଡାକ ଯୋଗେ କୃଷି ସଚିବଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଛନ୍ତି। ଅଭିଯୋଗରେ ଚାଷୀ ପ୍ରଧାନ ଉଲ୍ଲେଖ କରିଛନ୍ତି, ସେ ୮୬ କୁଇଣ୍ଟାଲ ଧାନ ପାଇକସାହି ସେବା ସମବାୟ ସମିତିରେ ଗତ ୧୭ ତାରିଖରେ ବିକ୍ରି କରିଥିଲେ। ୮୬ ଘଣ୍ଟା ମଧ୍ୟରେ ତାଙ୍କ ଆକାଉଣ୍ଟକୁ ଧାନ ବିକ୍ରି ଟଙ୍କା ଆସିବ ବୋଲି ସମବାୟ ସମିତି ପକ୍ଷରୁ ସୂଚନା ଦିଆଯାଇଥିଲା। ହେଲେ ୯ ଦିନ ବିତିଯାଇଥିଲେ ମଧ୍ୟ ଧାନ ବିକ୍ରି ଟଙ୍କା ତାଙ୍କ ଆକାଉଣ୍ଟକୁ ଆସିନାହିଁ। ଏହାକୁ ନେଇ ସେ ଚିନ୍ତିତ ହୋଇପଡ଼ିଛନ୍ତି। ଏ ନେଇ ସେ ପ୍ରଥମେ ପାଇକସାହି ସେବା ସମବାୟ ସମିତିଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ସେ ସଚିବଙ୍କ ଠାରେ ଅଭିଯୋଗ କରିଛନ୍ତି। ତୁରନ୍ତ ତାଙ୍କ ଧାନ ବିକ୍ରି ଟଙ୍କା ପ୍ରଦାନ ପାଇଁ ଚାଷୀ ପ୍ରଧାନ ଦାବି କରିଛନ୍ତି। ଏ ନେଇ ପାଇକସାହି ସେବା ସମବାୟ ସମିତି ସମ୍ପାଦକ ତ୍ରିଲୋଚନ ନାୟକ କହିଛନ୍ତି, ସମିତିରେ କୌଣସି ବକେୟା ଦେଖାଉ ନାହିଁ। ଆଉ କିଛି ଦିନ ଅପେକ୍ଷା କରିବା ପରେ ଟଙ୍କା ନ ଆସିଲେ ସମିତି ପକ୍ଷରୁ ଚିଠି ଲେଖାଯିବ।

# ନିଶାମୁକ୍ତ ସମାଜ ଗଠନ ଅତ୍ୟନ୍ତ ଆବଶ୍ୟକ




ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସନ୍ତ୍ରୀଛକ,୨୬।୨(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ଅନ୍ତର୍ଗତ ବୁଢାପଙ୍କ ଉଚ୍ଚ ବିଦ୍ୟାଳୟଠାରେ ସାମାଜିକ ସଙ୍ଗଠନ 'ସ୍ପନ୍ଦନ' ଓ ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ ୨୦୨୬ ବୁଧବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଡ. ସୁଚିସ୍ମିତା ସାମଲ ଉଦ୍‌ଘାଟନ କରି ବିଭିନ୍ନ ପ୍ରକାର ନିଶାଦ୍ରବ୍ୟର ଅପବ୍ୟବହାର ଏକ ଚିନ୍ତାଜନକ ଆହ୍ୱାନ ଭାବେ ଆଜି ସମଗ୍ର ବିଶ୍ୱ ତଥା ଅର୍ଥନୀତିକୁ ପ୍ରଭାବିତ କରିଛି। ଯୁବସମାଜ ବହୁଳ ଭାବେ କ୍ଷତିଗ୍ରସ୍ତ ହେଉଥିବାରୁ ନିଶାଦ୍ରବ୍ୟର ଅପବ୍ୟବହାର ତଥା ଅବୈଧ ଚାଲାଣ ରୋକିବା ସହ ନିଶାମୁକ୍ତ ସମାଜ ଗଠନ ଅତ୍ୟନ୍ତ ଆବଶ୍ୟକ ବୋଲି ଦର୍ଶାଇଥିଲେ। ସମ୍ମାନିତ ଅତିଥି ଭାବେ ଥାନା ଅତିରିକ୍ତ ଅଧିକାରୀ ଜୟକୃଷ୍ଣ ସାଏ ଯୋଗଦେଇ ନିଶାସେବନ ଦ୍ୱାରା ମୁଖ୍ୟ କର୍କଟ, ଯକୃତ, ବୃକକ ଓ ପାକସ୍ଥଳୀ କର୍କଟ ରୋଗ ଦିନକୁଦିନ ବଢ଼ିବା ଫଳରେ ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଚାଲିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସନ୍ତୋଷ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସନ୍ତୋଷ ପରିଡ଼ା, ପ୍ରଫୁଲ୍ଲ କୁମାର ସିଂହ, ପ୍ରଧାନ ଶିକ୍ଷକ ଶିଶିର କୁମାର ପାଳ ଯୋଗଦେଇଥିଲେ। ନିଶା ଅଭ୍ୟାସରୁ ମୁକ୍ତି ପାଇଁ ସାମାଜିକ କର୍ମୀ ଦିବ୍ୟରଞ୍ଜନ ସାମଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ସ୍କୁଲ ଶିକ୍ଷକ ବିଜୟ କୁମାର ଚାନ୍ଦ ନିଶାମୁକ୍ତି କେନ୍ଦ୍ରର କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇବା ସହିତ ଉପସ୍ଥିତ ଜନତାଙ୍କୁ ନିଶା ଅଭ୍ୟାସରୁ ଦୂରେଇ ରହିବା ଲାଗି ଶପଥ ପାଠ କରାଇଥିଲେ। ଏସ୍‌ଆଇ ସାଏ ନିଶାଦ୍ରବ୍ୟ ଚୋରା ଚାଲାଣରେ ସରକାରଙ୍କ ଦ୍ୱାରା ରହିଥିବା ବିଭିନ୍ନ ଦଣ୍ଡ ବିଧି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ପନ୍ଦନର ସଦସ୍ୟ ଦିବ୍ୟ ରଞ୍ଜନ ସାମଲ ଧନ୍ୟବାଦଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୧୨୭ ଜଣ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଗ୍ରାମବାସୀ ଯୋଗଦେଇଥିଲେ।

## ରାଜ୍ୟ ଯୁବ ସଂସଦ ପାଇଁ ଦେବାଙ୍ଗୀ ମନୋନୀତ




ଦେବାଙ୍ଗୀ ପାଣିଙ୍କୁ ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରେ ମନୋନୀତ କରାଯାଇଛି।

ତାଳଚେର,୨୬।୨ (ମନୋଜ ନନ୍ଦ)

କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନା ସହଯୋଗରେ ତଥା ମୋ ଭାରତ ଦ୍ୱାରା ଆୟୋଜିତ ବିକଶିତ ଭାରତ ଯୁବ ସଂସଦ ୨୦୨୬ କାର୍ଯ୍ୟକ୍ରମରେ ତାଳଚେରର ଦେବାଙ୍ଗୀ ପାଣି ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରେ ରହିଛନ୍ତି। ତାଳଚେର ଶର୍ମାଛକର ସୁଭାସିନୀ ତ୍ରିବେଦୀ ଓ ବୀରେନ କୁମାର ପାଣିଙ୍କ କନ୍ୟା ଦେବାଙ୍ଗୀ ସର୍ବକନିଷ୍ଠ ଯୁବ ଅଂଶଗ୍ରହଣକାରୀ ଭାବରେ ମଧ୍ୟ ରାଜ୍ୟ ଯୁବ ସଂସଦ ପାଇଁ ମନୋନୀତ ହୋଇଛନ୍ତି। 'ଭାରତୀୟ ଗଣତନ୍ତ୍ର ପାଇଁ ଜରୁରିକାଳୀନ ପରିସ୍ଥିତିରେ ୫୦ ବର୍ଷ ପୂର୍ତ୍ତିରେ ଶିକ୍ଷା' ଉପରେ ଭାଷଣ ଦେଇ ଦେବାଙ୍ଗୀ ଏହି ସଫଳତା ଅର୍ଜନ କରିଥିବା ସୂଚନା ମିଳିଛି।

## ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବଇଣ୍ଡା,୨୬।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରତିମା ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୁହା ଯୋଗଦେଇ ଶିକ୍ଷାର ମହତ୍ତ୍ୱ ଓ ଯୁବପିଢ଼ିର ଭୂମିକା ବିଷୟରେ ଉଦ୍‌ବୋଧନ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଡେପୁଟି କଲେକ୍ଟର ଡ. ବିଶ୍ୱଜ୍ୟୋତି ମହାନ୍ତି, ପ୍ରବୀଣ କୁମାର ସାହୁ, ତହସିଲଦାର ପ୍ରସନ୍ନ ଟେଟେ, ମୁଖ୍ୟବକ୍ତା ଭାବେ ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତି ରଞ୍ଜନ ବାଗ, କ୍ରୀଡ଼ା ଶିକ୍ଷକ ଚକ୍ରଧର ପ୍ରଧାନ ଯୋଗ ଦେଇଥିଲେ। ଅଧ୍ୟାପକ ସରୋଜ କୁମାର ଦାସ, ତରୁଣ କୁମାର ପ୍ରଧାନ, ସରୋଜ ରଞ୍ଜନ ପ୍ରଧାନ, ଟୁକୁନା ପ୍ରଧାନ, ସ୍ୱାଧୀନ ବେହେରା, ସଞ୍ଜୟ କୁମାର ଜେନା, ଅଧ୍ୟାପିକ ପାୟଲ ପାତ୍ର, ଅନ୍ନପୂର୍ଣ୍ଣା ପ୍ରଧାନ ଉପସ୍ଥିତ ଥିଲେ। ଡ. କଲ୍ୟାଣୀ ରୂପା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ କର୍ମଚାରୀ ସହଯୋଗ କରିଥଲେ।




ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଶିବ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ



ବାର୍ଷିକ ଉତ୍ସବ ପାଳନ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

ବଇଣ୍ଡା, ୨୬।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଇଚ୍ଛାପୁର ଶିବ ମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏ ନେଇ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଏକ କଳସ ଯାତ୍ରା କରାଯାଇଥିଲା। ପରେ ହୋମ ଯଜ୍ଞ କରାଯାଇଥିବା ବେଳେ କର୍ତ୍ତା ଭାବେ ଉତ୍ତମ କୁମାର ମାଟିଆରି ଓ ନୟନୀ ବେହେରା, ବଂଶୀଧର ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ମନ୍ଦିର ପୂଜକ ବିକାଶ ମିଶ୍ର, ସର୍ବେଶ୍ୱର ମିଶ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଆଖପାଖ ଅଞ୍ଚଳରୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଯୁବ ବିଜେଡି ବ୍ଲକ ସଭାପତି ଅରୁଣ କୁମାର ସାହୁ, ଅର୍ଜୁନ କୁମାର ସାହୁ ଯୋଗ ଦେଇଥିଲେ। ଏଥିରେ ଅରୁଣ ସାହୁ, ଭାଗୀରଥି ସାହୁ, ଜେନାମଣି ସାହୁ ସହଯୋଗ କରିଥିଲେ।

## ବଇସିଣାରେ ରକ୍ତଦାନ ଶିବିର

ବଇଣ୍ଡା, ୨୬।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇସିଣା ଗ୍ରାମରେ ଗୁରୁବାର ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦୀପ୍ତ ଗଡ଼ନାୟକ, ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ଅର୍ଜୁନ କୁମାର ସାହୁ, ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳ, ମଣ୍ଡଳ ସମ୍ପାଦକ ରାଜେନ୍ଦ୍ର ସାହୁ, ଭାଜପା ନେତା ଅରବିନ୍ଦ ସାହୁ, ବାନାମ୍ବର ପ୍ରଧାନ, ଧ୍ରୁବ ଚରଣ ସାହୁ, ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଗ୍ରାମରୁ ଯୁବତୀ ଯୁବକମାନେ ଯୋଗଦେଇ ରକ୍ତଦାନ କରିଥିଲେ। ଏଥିରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଗୋଳ ବ୍ଲଡ୍ ବ୍ୟାଙ୍କର କର୍ମଚାରୀ ରକ୍ତସଂଗ୍ରହ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଦୈନିକ ୪୫ ମିନିଟ ବ୍ୟାୟାମ ଆବଶ୍ୟକ

ବଁଅରପାଳ,୨୬।୨(ସୁବାସ ସାହୁ)

ଅନୁଗୋଳ ଜିଲା ବଁଅରପାଳ ବ୍ଲକ କାଣ୍ଡସରସ୍ଥିତ ଇଏସ୍‌ଆଇ ଡାକ୍ତରଖାନାରେ ଏକ ବୃହତ୍ ସ୍ୱାସ୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଡାକ୍ତରଖାନାର ଡାକ୍ତର ଚିନ୍ମୟ ବାରିକ, ବକ୍ତା ଭାବେ ଚର୍ମରୋଗ ବିଶେଷଜ୍ଞ ଡା. ଅଜୟ କୁମାର ହାଇତ୍ ଓ ସମ୍ମାନିତ ଅତିଥି ଭାବେ ଅନୁଗୋଳ ଶାଖାର ଡା. ଆଦର୍ଶ କର ଯୋଗଦେଇଥିଲେ। କାଣ୍ଡସର ଇଏସ୍‌ଆଇ ଶାଖାର ଫାର୍ମାସିଷ୍ଟ ଭାବଗ୍ରାହୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଦୈନିକ ୪୫ ମିନିଟ ବ୍ୟାୟାମ ଆବଶ୍ୟକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳ, ତାଳଚେର, କଣିହାଁ, ଛେଣ୍ଡିପଦା ଅଞ୍ଚଳର ଇଏସ୍‌ଆଇ ଶାଖା କର୍ମଚାରୀ ଯୋଗଦେଇଥିଲେ। ଅନୁଗୋଳ ଶାଖାର ଆଦର୍ଶ କର, ଛେଣ୍ଡିପଦା ଶାଖାର ଡ. ପ୍ରିଏସ ମହାରଣା, ଡ. ଶ୍ରୀଯା ଶତପଥୀ, ତାଳଚେର ଶାଖାର ଡା. ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଶ୍ରମିକ ସଂଘ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୧ ଶହରୁ ଊର୍ଦ୍ଧ୍ୱ ଲୋକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।



ସ୍ୱାସ୍ଥ୍ୟ ଶିବିରରେ ମଞ୍ଚାସୀନ ଅତିଥିମାନେ।

## ହିନ୍ଦୋଳ ସାହିରେ ଅଷ୍ଟପ୍ରହର ନାମଯଜ୍ଞ

ଆଠମଲ୍ଲିକ,୨୬।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଏନ୍‌ଏସି ଅନ୍ତର୍ଗତ ହିନ୍ଦୋଳ ସାହି ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳାଙ୍କ ଦ୍ୱାରା ବୁଧବାର ସନ୍ଧ୍ୟାରେ କଳସ ଯାତ୍ରା କରାଯାଇଥିଲା। ଗୁରୁବାର ପୂଜକ ହରେଶ ଦାଶ ପୂଜା ରୀତିନୀତି କରି ଅହୋରାତ୍ର ନାମଯଜ୍ଞର ଶୁଭାରମ୍ଭ କରିଥିଲେ। କର୍ତ୍ତା ଭାବେ ପ୍ରିୟରଞ୍ଜନ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଅଷ୍ଟପ୍ରହର ପୂଜା କମିଟି ସଭାପତି ସୁବାସ ମହାପାତ୍ର, ସମ୍ପାଦକ ଦିଲୀପ ମହାକୁଡ଼, ଉପଦେଷ୍ଟା ପ୍ରଭଞ୍ଜନ ପ୍ରଧାନ, ଧୂବେଇ ରଣା, ଅବଧୁତ କ୍ଷେତି, ପ୍ରତାପ ବଘାର, ସଭ୍ୟ ପରମେଶ୍ୱର ବଘାର, କ୍ଷୀରୋଦ ମହାକୁଡ଼, ପ୍ରଦୀପ ପ୍ରଧାନ, ସୁବୋଧ ମହାକୁଡ଼ଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ଉଦ୍‌ଘାଟିତ

ସନ୍ତ୍ରୀଛକ,୨୬।୨(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ତଳମୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ଅତ୍ୟାଧୁନିକ ନୂତନ କୋଠା ଗୁରୁବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନମୋହନ ପ୍ରଧାନ, ଡା. ଶଙ୍କର୍ଷଣ ଗାହାଣ, ଚିକିତ୍ସକ କମରୁଦ୍ଦିନ ଖାନ ପ୍ରମୁଖ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ପ୍ରଧାନ କହିଥିଲେ, ଲୋକଙ୍କୁ ଦୁଆର ମୁହଁରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ। ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ମହୀଧରପୁର, ତଳମୂଳଶାସନ, ତଳମୂଳପାଟଣା, ଫୁଲପଡ଼ା, ଆମ୍ବିଠି, ହାତୁରା, କଂସରା ଆଦି ବିଭିନ୍ନ ଗ୍ରାମର ଲୋକଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଜିଲାପାଳଙ୍କ ସହିତ ଆଲୋଚନା କରାଯାଇ ଏହାର ବ୍ୟବସ୍ଥା କରାଯିବ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ୱାସ୍ଥ୍ୟକର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠାକୁ ଅନୁଗୋଳ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ ୨ ଦିନିଆ ଅନୁଗୋଳ ଜିଲା ଗସ୍ତ

ଅନୁଗୋଳ,୨୬।୨ (ମାନସ ବିଶ୍ୱାଳ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫେବୃଆରୀ ୨୭ ଏବଂ ୨୮ ତାରିଖରେ ୨ ଦିନିଆ ଅନୁଗୋଳ ଜିଲା ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି। ୨୭ ତାରିଖ ଅପରାହ୍ନ ୪ଟାରେ କିଶୋରନଗର ଧଉରାପାଲିଠାରେ ପହଞ୍ଚି ଦୋଳଯାତ୍ରା ମହୋତ୍ସବର ଶତବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ତାଳଚେର ଆସି ଦୀନ୍‌ଦୟାଲ ନଗରରେ ପହଞ୍ଚିବେ। ୨୮ ତାରିଖରେ ତାଳଚେରରୁ ଅନୁଗୋଳ ଆସି ଦିଶା ଓ ଜିଲା ପରିଷଦ ବୈଠକରେ ଯୋଗଦେବେ। ପରେ ଅନୁଗୋଳ ଜିଲା ବାଣିଜ୍ୟ ଓ ଶିଳ୍ପ ସଙ୍ଗଠନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ସାମିଲ ହେବେ। ଏହାପରେ ଅପରାହ୍ନରେ କଟକ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟସୂଚୀ ରହିଛି। କେନ୍ଦ୍ରମନ୍ତ୍ରୀଙ୍କର କାର୍ଯ୍ୟକ୍ରମ ପାଇଁ ଜିଲା ଭାଜପା ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି।

